# କମେଣ୍ଟମରାକୁ ନେଇ ମାରପିଟ


ଦୁଇସାହି ମଧ୍ୟରେ ଗଣ୍ଡଗୋଳ ଲାଗିଛି ।


ଶାନ୍ତି ରକ୍ଷା ପାଇଁ ଗାଁରେ ପୋଲିସ ଫୋର୍ସ ।


ଗଣ୍ଡଗୋଳରେ ଆହତ ହୋଇଥିବା ବ୍ୟକ୍ତି ।

## ୨୦ରୁ ଊର୍ଦ୍ଧ୍ୱ ଆହତ, ୮ ଅଟକ

ଦଶରଥପୁର,୭।୪(ସୁଶାନ୍ତ କୁମାର ବେହୁରିଆ):

ଯାଜପୁର ଜିଲା ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତ ଅଧୀନ କସବା ଗ୍ରାମର ଡିହସାହି ଓ ବାଉତରା ସାହି ମଧ୍ୟରେ ମଙ୍ଗଳବାର ଏକ କମେଣ୍ଟ ମରାଘଟଣାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଏନେଇ ମଙ୍ଗଳପୁର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ଉଭୟ ପକ୍ଷରୁ ୮ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

ଗ୍ରାମର ୨ ସାହିର ପିଲାଙ୍କ ମଧ୍ୟରେ ଗତ କିଛି ଦିନ ପୂର୍ବରୁ ପାଲା କାର୍ଯ୍ୟକ୍ରମ ସମୟରେ ସାମାନ୍ୟ ବଚସାକୁ ନେଇ ପାଟିମୁଣ୍ଡ ହୋଇଥିଲା। ଏହାପରଠାରୁ ଉଭୟ ସାହିର ପିଲାଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳୁଥିଲା। ମଙ୍ଗଳବାର ସକାଳେ କସବା ପୀର ଛକଠାରେ ଉଭୟ ପକ୍ଷ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ହୋଇଥିଲା। ପରେ ଏହା ଗଣ୍ଡଗୋଳ ରୂପ ନେଇଥିଲା। ଉଭୟ ପକ୍ଷ ପରସ୍ପରଙ୍କୁ ବାଡ଼ି, ଠେଙ୍ଗାରେ ଆକ୍ରମଣ କରିବା ସହିତ ଟେକା, ପଥର, କାଚ ବୋତଲ ଆଦି ଫୋପଡ଼ା ଫୋପଡ଼ି ହୋଇଥିଲେ। ଫଳରେ ଉଭୟ ପକ୍ଷରୁ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ଖବର ପାଇ ମଙ୍ଗଳପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲା। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ କସବା ଗ୍ରାମରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ଆଇଆଇସି ରଞ୍ଜନ କୁମାର ବେହେରା ସୂଚନା ଦେଇଛନ୍ତି।

# ଚୋରା ବାଲିଘାଟ ସୀମା ଅତିକ୍ରମକୁ ନେଇ ଗୋଷ୍ଠୀ ସଂଘର୍ଷ

## ୩ ଆହତ, ୬ ଅଟକ

ପାଣିକୋଇଲି,୭।୪(ବିକାଶ ଚନ୍ଦ୍ର ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ୨ ଗ୍ରାମ ରୁଢ଼ିଆ ଓ ନୁରୁଙ୍ଗା ମଧ୍ୟରେ ଚୋରା ବାଲି ଘାଟ ସୀମା ଅତିକ୍ରମକୁ ନେଇ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। ପୋଲିସ ଉଭୟ ପକ୍ଷରୁ ୬ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ବୁଢ଼ା ନଦୀରୁ ନୁରୁଙ୍ଗା ଗ୍ରାମର ଏକ ଗୋଷ୍ଠୀ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିଲେ। ଏହି ବାଲିଚୋରା ଚାଲାଲରେ ଗ୍ରାମର କୀର୍ତ୍ତନ ନାୟକ ତାଙ୍କ ଜେସିବିକୁ ଭଡ଼ା ଦେଇଥିଲେ। ବାଲି ଚୋରାଚାଲାଣ ବେଳେ ଜେସିବିଟି ନୁରୁଙ୍ଗା ସୀମା ଅତିକ୍ରମ କରି ରୁଢିଆ ସୀମାରେ ପଶି ବାଲି ଉତ୍ତୋଳନ କରିଥିଲା। ଫଳରେ ରୁଢ଼ିଆର କେତେଜଣ ଯୁବକ ଜେସିବିଟିକୁ ନେଇଯାଇଥିଲେ। ଜେସିବି ମାଲିକ ସେଠାରେ ପହଞ୍ଚିବାରୁ ତାଙ୍କୁ ଦେଢ଼ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। କୀର୍ତ୍ତନ ୧ ଲକ୍ଷ ଟଙ୍କା ଦେଇଥିଲେ, ଆଉ ୫୦ ହଜାର ଟଙ୍କା ଦେବା ପାଇଁ କହି ଜେସିବି ଆଣିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଉଭୟ ଗ୍ରାମର ଲୋକେ ଉତ୍ତେଜିତ ହେବା ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୋମବାର ନୁରୁଙ୍ଗାର କେତେଜଣ ଯୁବକ ରୁଢିଆ ଯାଇ ଏନେଇ ଆଲୋଚନା କରିଥିଲେ। ଏହି ସମୟରେ କଥା କଟାକଟି ହେବାସହ ଉଭୟପକ୍ଷ ମୁହାଁମୁହିଁ ହୋଇଥିଲେ। ମଙ୍ଗଳବାର ରୁଢ଼ିଆର କେତେଜଣ ବ୍ୟକ୍ତି ଷଠିପୁର ବାବା ମଣି ହୋଟେଲକୁ ଆସିଥିବାବେଳେ ଉଭୟଙ୍କ ମଧ୍ୟରେ ମାରପିଟ ଆରମ୍ଭ ହୋଇଥିଲା। ସେମାନେ ରାଜପଥ ସଂଯୋଗୀକରଣ ରାସ୍ତାରୁ ମାରପିଟ ହୋଇ ବାବା ମଣି ହୋଟେଲ ପର୍ଯ୍ୟନ୍ତ ଯାଇଥିଲା। ଏହି ତୁମୁଳକାଣ୍ଡରେ ରୁଢ଼ିଆ ଗ୍ରାମର ୩ ଜଣ ଆହତ ହୋଇଥିଲେ। ଖବରପାଇ ପାଣିକୋଇଲି ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଉଭୟ ଗୋଷ୍ଠୀର ୬ଜଣଙ୍କୁ କାବୁ କରି ଥାନାକୁ ନେଇ ଅଟକ ରଖିଛି। ଉଭୟଗୋଷ୍ଠୀ ଘଟଣାକୁ ଏବେ ଚପାଇବାକୁ ଚେଷ୍ଟା କରୁଛନ୍ତି। ତେବେ ବାଲି ଚୋରାଚାଲାଣ କିପରି ହେଉଛି ତାହା ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।


ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ଲାଗିଛି ।

## ୨ ବ୍ୟକ୍ତିଙ୍କୁ ମାଡ଼ ମାରି ଗାଡ଼ି ଭାଙ୍ଗିଲେ ନିଶାସକ୍ତ ଯୁବକ

ବିଞ୍ଝାରପୁର,୭।୪(ରାମକୃଷ୍ଣ ଦାସ):

ଜଣେ ନିଶାସକ୍ତ ଯୁବକ ଓ ତାଙ୍କ ସାଥୀ କାର ଯୋଗେ ଯାଉଥିବା ୨ବ୍ୟକ୍ତିଙ୍କୁ ମାଡ଼ ମାରିବାସହ ସେମାନଙ୍କ ମୋବାଇଲ ଏବଂ ଗାଡ଼ି ଭାଙ୍ଗିଦେଇଛନ୍ତି। ବିଞ୍ଝାରପୁର ଥାନା ଅଞ୍ଚଳରେ ଏହି ଘଟଣା ଦେଖିବାକୁ ମିଳିଛି। ଉକ୍ତ ଥାନା ସୟଦପୁର ଗ୍ରାମର ସେକ୍ ଫଜଲୁର ରହେମନ ଓ ସେକ୍ ହଫିଜୁଲ୍ଲା ମଙ୍ଗଳବାର କାର ଯୋଗେ ବାଙ୍ଗରା ଗ୍ରାମକୁ ଯାଇଥିଲେ। କାମ ସାରି ଫେରୁଥିବାବେଳେ ଅପରାହ୍ନ ପ୍ରାୟ ୧ଟାରେ ଜରି-ନୂଆମାହାରା ସେତୁ ନିକଟ ବ୍ରାହ୍ମଣୀପାଟଣା ଗ୍ରାମର ଗଦାଧର ସାମଲଙ୍କ ଘର ନିକଟରେ ଜରି ଗ୍ରାମର ବାଘା ମଲିକ ଓ ତାଙ୍କ ୨ ସହଯୋଗୀ ମିଶି ଫଜଲୁର ଏବଂ ହଫିଜୁଲ୍ଲାଙ୍କ ଗାଡ଼ି ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାସହ ଉଭୟଙ୍କୁ ଗାଡିରୁ ଭିଡିନେଇ ମାଡ଼ ମାରିଥିଲେ। ବିରୋଧ କରିବାରୁ ସେମାନେ ଉଭୟଙ୍କୁ ତଳେ ପକାଇ ବିଧା, ଗୋଇଠା ମାରିବାସହ ଉଭୟଙ୍କ ମୋବାଇଲ କଚାଡି ଭାଙ୍ଗିଥିଲେ। ପରେ ଗାଡ଼ି ମିରର ଭାଙ୍ଗିବାସହ କିଳାରେ ଗାଡିକୁ ବାଡେଇ ଚେପା କରିଥିଲେ ବୋଲି ଉଭୟ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୭୨/୨୬ରେ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅନିତା


@ ବିଶ୍ୱଜିତ୍


@ ପ୍ରଦୀପ


@ ସୁଶୀଲ


@ ମିହିର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚୋରି



ବ୍ୟାସନଗର,୭।୪(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ୍ ଥାନା ବ୍ୟାସନଗର ସହରର ଡାକବଙ୍ଗଳା ଛକ ନିକଟରେ ଥିବା କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଛି। ଏନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ କାର୍ଯ୍ୟାଳୟରେ ପହଞ୍ଚି ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି।

ସୋମବାର ରାତିରେ କାର୍ଯ୍ୟାଳୟର ପଛ ପଟ ଝରକା ଭାଙ୍ଗି ଜଣେ ଦୁର୍ବୃତ୍ତ ଭିତରେ ପ୍ରବେଶ କରିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ଦୁର୍ବୃତ୍ତ ଅଫିସରେ ଥିବା ଷ୍ଟିଲ ଆଲମିରା ଲକର ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ମଙ୍ଗଳବାର ସକାଳେ କର୍ମଚାରୀ ଅଫିସ ଖୋଲିବାବେଳକୁ ଆଲମିରା ଖୋଲାଥିଲା ଓ ଲକର ଭଙ୍ଗାଯାଇଥିବା ଦେଖିଥିଲେ। ଏସମ୍ପର୍କରେ କର୍ମଚାରୀମାନେ ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ଅବଗତ କରିଥିଲେ। ନନ୍ଦ ଅଫିସକୁ ଆସି ସମସ୍ତଘଟଣା ସମ୍ପର୍କରେ ଅବଗତ ହେବାପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନାଧିକାରୀ ଆଶିଷ କୁମାର ସାହୁ ଘଟଣାସ୍ଥଳକୁ ଆସି ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏସମ୍ପର୍କରେ ଅତିରିକ୍ତ ଜିଲାପାଳ ନନ୍ଦଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ଟଙ୍କା ରେଡ୍‌କ୍ରସ ପାଇଁ ଆଦାୟ ହୋଇଥିଲା। ଅଫିସ ଛୁଟି ଥିବାରୁ ଡିପୋଜିଟ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ଏହି କାର୍ଯ୍ୟାଳୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଥିବାବେଳେ ଏଠାରେ ରାତ୍ରି ଜଗୁଆଳି ବ୍ୟବସ୍ଥା ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୭୦ ଗ୍ରାମ ବ୍ରାଉନସୁଗାର ଜବତ, ଯୁବକ ଗିରଫ

ବ୍ୟାସନଗର,୭।୪(ପବିତ୍ର ରଞ୍ଜନ ମହାନ୍ତି):

ଡୋଲିପୁର ଅବକାରୀ ବିଭାଗ ସୋମବାର ସନ୍ଧ୍ୟାରେ ୭୦ ବ୍ରାଉନସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ଯାଜପୁର ରୋଡ୍ ଥାନା ବ୍ୟାସନଗର ଡୋଲିପୁର ଅଞ୍ଚଳର ଗିରିଧାରୀ ପାତ୍ର। ବିଶେଷ ସୂତ୍ରରୁ ଖବର ପାଇ ଯାଜପୁରରୋଡ୍ ଅବକାରୀ ଅଧିକାରୀ ସସ୍ମିତା ହୋତା ପାଣିକୋଇଲି ଥାନା ଜହ୍ନା ଛକ ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ଗିରିଧାରୀ ଏକ ଟାଟା ମ୍ୟାଜିକ ଗାଡ଼ିରେ ବ୍ରାଉନ ସୁଗାର ଧରି ଆସୁଥିଲେ। ଅବକାରୀ ବିଭାଗ ତାଙ୍କୁ ଅଟକାଇ ଯାଞ୍ଚ କରିବା ତାଙ୍କ ନିକଟରୁ ୭୦ଗ୍ରାମ ବ୍ରାଉନ ସୁଗାର ମିଳିଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ ଗିରିଧାରୀ ଜଣେ ଡ୍ରଗ୍ସ ବେପାରୀ। ସେ ଭଦ୍ରକ ଅଞ୍ଚଳରୁ ବ୍ରାଉନସୁଗାର ଆଣି ଯାଜପୁରରୋଡ୍ ମେଟ୍ରୁଆଣୀକୁ ବିକ୍ରି ପାଇଁ ଯାଉଥିଲେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉରେ ଡୋଲିପୁର ଅବକାରୀ ଅଧିକାରୀ ରାମେଶ୍ୱର ମହାନ୍ତି, ଏଏସ୍‌ଆଇ ଦେବକାନ୍ତ ଆଚାର୍ଯ୍ୟ, ରଶ୍ମିରେଖା ଜେନା, ଶିଶିର ପ୍ରଧାନ, ଚଗଲା ମଲିକ ସାମିଲ ହୋଇଥିଲେ। ଘଟଣା ସମ୍ପର୍କରେ ଅବକାରୀ କେସ ନଂ.୬/୨୦୨୬-୨୭ରେ ମାମଲା ରୁଜୁ ହୋଇଛି।

# ଯାଜପୁର ଓଡ଼ିଶା ପ୍ରଗତିର ଇଞ୍ଜିନ ସାଜିଛି

## ନବନିଯୁକ୍ତ ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ପ୍ରଥମ ସମୀକ୍ଷା ବୈଠକ

ଯାଜପୁର ଟାଉନ, ୭।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଓଡ଼ିଶାର ସାମଗ୍ରିକ ପ୍ରଗତିର ଇଞ୍ଜିନ ସାଜିଛି ଯାଜପୁର ଜିଲା। ଆଗାମୀ ୩ବର୍ଷ ଭିତରେ କିଭଳି ଉନ୍ନୟନମୂଳକ ଯୋଜନା କରିବାକୁ ପଡ଼ିବ, ସେ ଦିଗରେ ଆଲୋଚନା କରିବାକୁ ହେବ। ବିକାଶର କୌଣସି ଦଳ ନ ଥାଏ ଓ ଲୋକଙ୍କ ଟିକସ ଅର୍ଥକୁ ଠିକ୍ ଭାବେ ଲୋକଙ୍କ ବିକାଶ ଦିଗରେ ବିନିଯୋଗ କରିବା ପାଇଁ ଆମେ ଉତ୍ତରଦାୟୀ। ନବନିଯୁକ୍ତ ଯାଜପୁର ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସନାୟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲା ଯୋଜନା କମିଟି ସମୀକ୍ଷା ବୈଠକରେ ଯୋଗଦେଇ ଏକଥା କହିଛନ୍ତି।

ମଙ୍ଗଳବାର ଅଧ୍ୟକ୍ଷ ଦାସନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଲୋକକଲ୍ୟାଣକାରୀ ଯୋଜନା ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।


ସମୀକ୍ଷା ବୈଠକରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ, ଜିଲାପାଳ ଓ ଅନ୍ୟ ଅଧିକାରୀ ।

ପ୍ରଥମେ ଯୋଜନା କମିଟି ଅଧ୍ୟକ୍ଷଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲାପାଳ ଅମ୍ବର କୁମାର କରଙ୍କ ସମେତ ବରିଷ୍ଠ ଅଧିକାରୀ ଦାସନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଅତିରିକ୍ତ ଜିଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ସ୍ୱାଗତ ଅଭିଭାଷଣ ଦେଇଥିଲେ।

ଦାସନାୟକ କହିଥିଲେ, ପ୍ରଶାସନଠାରୁ ଯାଜପୁର ଜିଲାବାସୀଙ୍କ ଅନେକ ଆଶା ଓ ଆକାଂକ୍ଷା ରହିଛି। ଅତୀତରେ ଯାଜପୁର ଜିଲା ସାରା ଓଡ଼ିଶାକୁ ଦିଗଦର୍ଶନ ଦେଇଛି। ସ୍ୱଳ୍ପ ମିଆଦି, ମଧ୍ୟମ ମିଆଦି ଏବଂ ଦୀର୍ଘ ମିଆଦି-ଏହି ଭଳି ୩ଟି ଉପାୟରେ ଯୋଜନା କରିବାକୁ ପଡ଼ିବ। ସ୍ୱଳ୍ପମିଆଦି ଯୋଜନାରେ ଯେଉଁସବୁ ଅଧୁରା କାମ ରହିଯାଉଛି, ସେଗୁଡ଼ିକୁ ସାରିବାକୁ ହେବ ବୋଲି ସେ କହିଥିଲେ। ସେହିପରି ସାଇନ୍ସ ପାର୍କ ଭଳି ଆଉ କିଛି ପ୍ରକଳ୍ପ ଯାହା ରାଜ୍ୟସ୍ତରରେ ଅନୁମୋଦନ ବା ସହଯୋଗ ଅପେକ୍ଷାରେ ରହିଛି, ସେଗୁଡ଼ିକୁ ମଧ୍ୟ ଚିହ୍ନଟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ବନ୍ୟାରୁ ମୁକ୍ତି ପାଇବା ପାଇଁ ଏକ ବ୍ୟାପକ ଯୋଜନା ବାହାର କରିବାକୁ ହେବ ବୋଲି ଦାସନାୟକ କହିଥିଲେ।

ମ୍ୟାନେଜମେଣ୍ଟ ଶାସ୍ତ୍ରର 'ଷ୍ଟ୍ରେନ୍ଥ, ୱିକନେସ, ଅପରର୍ଚ୍ୟୁନିଟି ଓ ଥ୍ରେଟ୍' ବିଶ୍ଳେଷଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଯାଜପୁର ଜିଲାରେ ଏକ ଦକ୍ଷ ମାନବ ସମ୍ବଳ ଏବଂ ପାଣ୍ଠି ରହିଛି। ଦୁର୍ବଳତା ଏବଂ ବିପଦକୁ ଆମେ ଚିହ୍ନଟ କରିବାକୁ ପଡିବ। ଏକ ପ୍ରଗତିଶୀଳ ସରକାରରେ ଆମ ପାଖରେ ଅନେକ ସମ୍ଭାବନା ମଧ୍ୟ ଅଛି ବୋଲି ଦାସନାୟକ କହିଥିଲେ। ପାଣ୍ଠିର ସଦୁପଯୋଗ ଏବଂ ସୁପରିଚାଳନା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ କିଛିଦିନ ମଧ୍ୟରେ ନିଜ ନିଜ ବିଭାଗର ଯୋଜନାଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବା ପାଇଁ ଜିଲାପାଳ କର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ମନୋଜ କୁମାର ନାୟକ, ଅତିରିକ୍ତ ଉନ୍ନୟନ ଅଧିକାରୀ, କୋରେଇ ବିଡିଓ, ଜିଲା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କୋରେଇ ବିଡିଓ ଅବନିକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# ଏଥର ବି ସୁଧୁରିବନି ବ୍ରହ୍ମ ତାଳଧ୍ୱଜ ରଥଟଣା ଅବ୍ୟବସ୍ଥା

କେନ୍ଦ୍ରାପଡ଼ା, ୭।୪ (ଜଗନ୍ନାଥ ଧଳ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ଅକ୍ଷୟ ତୃତୀୟା ତିଥି ଅର୍ଥାତ ଆସନ୍ତା ୨୦ ତାରିଖରେ ଅନୁକୂଳ ହେବ। ପୂର୍ବ ବର୍ଷଗୁଡ଼ିକରେ ରଥ ନିର୍ମାଣରେ ଅବ୍ୟବସ୍ଥା ପାଇଁ ମାଉସୀ ମା' ମନ୍ଦିରରେ ପହଞ୍ଚିବାକୁ ୩ ଦିନ ଲାଗୁଥିଲା। ଏହି ଅବ୍ୟବସ୍ଥାକୁ ସୁଧାର ପାଇଁ ଚଳିତବର୍ଷ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ନୂତନ ରଥ ନିର୍ମାଣ ପାଇଁ କୋଟିଏ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥ ଖର୍ଚ୍ଚ ପାଇଁ ଜିଲା ପ୍ରଶାସନକୁ ଚିଠି ମଧ୍ୟ ଆସିଛି। ତେବେ ଆସନ୍ତା ରଥଟଣା ମଧ୍ୟ ଅବ୍ୟବସ୍ଥାରେ ହେବା ପରି ସ୍ଥାନୀୟ ଶ୍ରଦ୍ଧାଳୁମାନେ ଆଶଙ୍କା ପ୍ରକାଶ କରିଛନ୍ତି। ବିଶ୍ୱର ଏହି ବୃହତ୍ତମ ରଥ ପାଇଁ ପ୍ରାୟ ୩୬୦୦ ସ୍କୋୟାର ଫିଟ (ଏସ୍‌ଏଫ୍‌ଟି) ଆବଶ୍ୟକ। ଏଯାଏ ଖଣ୍ଡିଏ କାଠ କିଣା ଯାଇନାହିଁ। ଶ୍ରଦ୍ଧାଳୁଙ୍କ ଅଭିଯୋଗ ଅନୁଯାୟୀ, ତ୍ରୁଟି ସୁଧାରିବା ପାଇଁ ଜିଲା ପ୍ରଶାସନ ତତ୍ପର ନୁହନ୍ତି। କୁହାଯାଉଛି ବର୍ତ୍ତମାନର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଓ ପୂର୍ବତନ ଅଧ୍ୟକ୍ଷ ତଥା ଉପଜିଲାପାଳଙ୍କ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟରେ ଆଦୌ ସମନ୍ୱୟ ରକ୍ଷା ହୋଇପାରୁନାହିଁ। ରଥ କାଠ ଆଣିବା ଓ ନୂତନ ରଥ ନିର୍ମାଣକୁ ନେଇ





ବ୍ରହ୍ମ ତାଳଧ୍ୱଜ ରଥ। ରଥ ନିର୍ମାଣ ପାଇଁ ଆସିଥିବା କାଠ।

ଜିଲାପାଳ ହସ୍ତକ୍ଷେପ ନ କଲେ ଏଥର ବି ବ୍ରହ୍ମ ତାଳଧ୍ୱଜ ରଥଟଣା ଅବ୍ୟବସ୍ଥା ସୁଧୁରିବ ନାହିଁ ବୋଲି କୁହାଯାଉଛି।

ସହରର ଅଯୋଦ୍ଧାନଗରର ଶ୍ରଦ୍ଧାଳୁ ପ୍ରଶାନ୍ତ ନାୟକ କହିଛନ୍ତି, ରଥଟଣା ଅବ୍ୟବସ୍ଥା ପ୍ରତିବର୍ଷ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କୋଟିଏ ଟଙ୍କା ଅନୁଦାନ ଆସିଛି। ମାତ୍ର ପ୍ରଶାସନର ଏଥିପ୍ରତି ନିଘା ନ ଥିବାରୁ ରଥ ନିର୍ମାଣ ହୋଇପାରିନାହିଁ। ଜିଲା ପ୍ରଶାସନ କେବଳ ରଥଟଣା ପ୍ରତି ବୀତସ୍ପୃହ ନୁହନ୍ତି। ଶ୍ରୀଜୀଉଙ୍କ ଭୂସମ୍ପତ୍ତି ଉଦ୍ଧାର ପ୍ରତି କୌଣସି ପ୍ରୟାସ ନାହିଁ। ଏପରି କି ରଥଦାଣ୍ଡକୁ ବହୁ ଲୋକ ଜବରଦଖଲ କରୁଥିଲେ ମଧ୍ୟ ଉଚ୍ଛେଦ ହେଉନାହିଁ। ସେହିପରି ଦେବୋତ୍ତର କମିଶନଙ୍କ ପକ୍ଷରୁ ୮ ମାସ ପୂର୍ବେ ନିର୍ଦ୍ଦେଶ ସତ୍ତ୍ୱେ ମନ୍ଦିରର ଝୁଲଣ ମଣ୍ଡପରୁ ଏଯାଏ ରହିଥିବା ସିନ୍ଧୁକକୁ ସ୍ଥାନାନ୍ତର କରାଯାଉନାହିଁ। ନୂତନ ରଥ ନିର୍ମାଣ ସମ୍ପର୍କରେ ମୁଖ୍ୟ ସ୍ଥପତି ରଘୁନାଥ ମହାରଣା କହିଛନ୍ତି, ବିଶ୍ୱର ଏହି ବୃହତ ରଥର ଉଚ୍ଚତା ୪୩ ହାତ ୧୦ ଅଙ୍ଗୁଳି। କଳସ ଓ ନେତକୁ ବାଦ ଦେଲେ ୬୫ ଫୁଟ ୬ ଇଞ୍ଚ। ୬ ଫୁଟ ଉଚ୍ଚତାର ୧୪ ଚକ ଅର ସଂଯୁକ୍ତରେ ନିର୍ମାଣ ନ ହୋଇ ୭ ଇଞ୍ଚ ମୋଟା ବିଶିଷ୍ଟ ୩ ଖଣ୍ଡ ନିଦା ଶାଳ କାଠରେ ତିଆରି ହୋଇଥାଏ। ୭ଟି ଅଖରେ ଏହି ଚକଗୁଡିକ ସଂଯୁକ୍ତ ହୋଇଥାଏ।

■ ସରକାରଙ୍କ କୋଟିଏ ଟଙ୍କା ସତ୍ତ୍ୱେ ଏଯାଏ ମିଳୁନି କାଠ
■ ତ୍ରୁଟି ସୁଧାରିବାକୁ ଜିଲା ପ୍ରଶାସନ ତତ୍ପର ନୁହେଁ
■ ନୂତନ ରଥ ପାଇଁ ୩୬୦୦ ସ୍କୋୟାର ଫିଟ୍ କାଠ ଆବଶ୍ୟକ

ଭୂମିଠାରୁ ରଥସ୍ଥିତ ସିଂହାସନର ଉଚ୍ଚତା ୧୨ ଫୁଟ। ୯ଟି ବରାନ୍ଦ, ୪ଟି ଘୋଡ଼ା, ସହ ପାର୍ଶ୍ୱ ଦେବୀ ଦେବତାଙ୍କ ବିଗ୍ରହ ଏଥିରେ ସ୍ଥାପନା କରାଯାଏ। ରଥ ନିର୍ମାଣ ପାଇଁ ମୋଟ ୧୦୧୩ ଖଣ୍ଡ କାଠ ଆବଶ୍ୟକ। ପ୍ରାୟ ଚାରି ହଜାର ସ୍କୋୟାର ଫିଟ (ଏସ୍‌ଏଫ୍‌ଟି) କାଠ ଦରକାର। ଏହା ବ୍ୟତୀତ ରଥ ନିର୍ମାଣରେ ବହୁ ବିଧି ବିଧାନ ଅଛି। ରଥ ନିର୍ମାଣ ପାଇଁ ଦୋଳ ପୂର୍ଣ୍ଣିମା ପରଦିନ ବୃକ୍ଷଚ୍ଛେଦନ ପାଇଁ ଶ୍ରୀଜୀଉଙ୍କ ଆଜ୍ଞାମାଳ ସହ ପୂଜାପାଠ ହୁଏ। ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବା ସହ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଚକ ଓ ଅଖ ସଂଯୋଗ ହୋଇଥାଏ। ଆଷାଢ଼ କୃଷ୍ଣ ଅଷ୍ଟମୀ ତିଥିରେ ବରାନ୍ଦ ଓ ଏକାଦଶୀ ତିଥିରେ ନାହାକା ଯୋଡେଇ ହୁଏ। ନେତ୍ରୋତ୍ସବରେ ପାର୍ଶ୍ୱ ଦେବୀ ଦେବତାଙ୍କର ରଥରେ ସ୍ଥାପନା କରାଯାଏ। ରଥ ଶୀର୍ଷରେ କଳସ ଓ ନେତ ବନ୍ଧା ହୋଇଥାଏ।

ଟ୍ରଷ୍ଟ ସଦସ୍ୟ ତଥା ଚଳିତବର୍ଷର ରଥ ନିର୍ମାଣ କମିଟିର ଉପଦେଷ୍ଟା ଆଇନଜୀବୀ ଧୀରେନ ସାହୁ କହିଛନ୍ତି, ନୂତନ ରଥ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟିଏ ଓ ପୂର୍ବ ବର୍ଷର ରଥ ନିର୍ମାଣ ଅନୁଦାନ ଭାବେ ୧୦ ଲକ୍ଷ ଟଙ୍କା ଆସିଛି। ଏ ନେଇ ବିଭିନ୍ନ ସମୟରେ ବୈଠକ ହୋଇଛି। କାଠ ପାଇଁ କଟକ, ଢ଼େଙ୍କାନାଳ, ରେଢ଼ାଖୋଲ, କେନ୍ଦୁଝର, ଅନୁଗୋଳ ଆଦି ବନ କାର୍ଯ୍ୟାଳୟକୁ ଚିଠି ହୋଇଥିଲେ ମଧ୍ୟ ଉତ୍ତର ମିଳୁନାହିଁ। କେନ୍ଦୁଝର ବନ ବିଭାଗ ପକ୍ଷରୁ କର୍ପୋରେଶନଠାରୁ କାଠ କିଣିବାକୁ ପରାମର୍ଶ ଦେଇଛନ୍ତି। ତେବେ କର୍ପୋରେଶନଠାରୁ କାଠ କିଣିଲେ କୋଟିଏ ଟଙ୍କା ନିଅଣ୍ଟ ପଡିବ। ଫଳରେ ନିର୍ମାଣ କାର୍ଯ୍ୟ ଓ ରୀତିନୀତି ହୋଇପାରିବନି। ରାଜ୍ୟ ସରକାର କାଠ ଯୋଗାଇ ଦେଲେ ଏହି ସମସ୍ୟାର ସମାଧାନ ହେବ। ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ଜେନାଙ୍କୁ ପଚାରିବାରେ ଶ୍ରୀଜୀଉଙ୍କ ଇଚ୍ଛାରେ ନିଶ୍ଚିତ ଭାବେ ନୂତନ ରଥ ନିର୍ମାଣ ହେବ। ପୁରୁଣା କାଠ ଗଣ୍ଡିରେ ଏବେ ଘୋଡ଼ା ନିର୍ମାଣ ହେଉଛି। ୨ଟି ରଥ ଚକ ଅଛି। କାଠ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅନିତା



@ ବିଶ୍ୱଜିତ୍



@ ପ୍ରଦୀପ



@ ସୁଶୀଲ



@ ମିହିର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖବରଦାତା ସଞ୍ଜୟଙ୍କୁ ବୈତରଣୀ ସାମ୍ବାଦିକ ଗୌରବ ସମ୍ମାନ

କେନ୍ଦ୍ରପଡ଼ା, ୭।୪(ଜଗନ୍ନାଥ ଧଳ)

**କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ**

ଭଦ୍ରକ ଜିଲା ଚାନ୍ଦବାଲି ଦୁର୍ଗାପଡ଼ିଆରେ କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ସୋମବାର ଶେଷସନ୍ଧ୍ୟାରେ ରାଜକନିକା ବ୍ଲକ ଅଞ୍ଚଳର ଖବରଦାତା ସଞ୍ଜୟ କୁମାର ଦାଶଙ୍କୁ ନିର୍ଭୀକ, କର୍ତ୍ତବ୍ୟନିଷ୍ଠ ତଥା ନିଖୁଣ ଖବର ପରିବେଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୈତରଣୀ ସାମ୍ବାଦିକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଦୀର୍ଘବର୍ଷ ଧରି ଅବିଭକ୍ତ କନିକା ଇଷ୍ଟେଟ୍‌ର କନିକା ଓ ଚାନ୍ଦବାଲି ୨ ପଡ଼ୋଶୀ ବ୍ଲକର ଭାଇଚାରାକୁ ସମୃଦ୍ଧ କରି ପୁଣ୍ୟତୋୟା ବୈତରଣୀ ନଦୀର ପୁନରୁଦ୍ଧାର ଲକ୍ଷ୍ୟ ତଥା କୃଷି ଓ କୃଷକର ଉନ୍ନତି ପାଇଁ ଉଦ୍ୟମ ଜାରି ରହିଛି। ଶେଷ ସନ୍ଧ୍ୟାରେ ମଞ୍ଚରେ ମହୋତ୍ସବର ସଦସ୍ୟ ତଥା ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ବ୍ୟୋମକେଶ ରାୟ, ମୁଖ୍ୟବକ୍ତା ଭାବେ ରାଜ୍ୟ ଖାଉଟି କଲ୍ୟାଣ ସୁରକ୍ଷା ସମିତି ଅଧ୍ୟକ୍ଷ ପ୍ରତାପ ଧଳ, ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ ଏବଂ ସାମାଜିକ କର୍ମୀ ସତ୍ୟାନନ୍ଦ ରାଉତ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବର ସହ ଆୟୋଜକ ମଙ୍ଗୁଳି ଚରଣ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ରଘୁନାଥ ସାହୁ ସ୍ୱାଗତ ଭାଷଣ, ଅମିୟ ସାହୁ ଅତିଥି ପରିଚୟ ଓ ଗଙ୍ଗାଧର ଦାସ ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ଅସ୍ମିତାକୁ ପ୍ରାଧାନ୍ୟସ୍ୱରୂପ ନୃତ୍ୟ, ଗୀତ, ନାଟକ ଆଦି ପରିବେଷଣ କରାଯାଇ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି, ବ୍ୟକ୍ତିତ୍ୱ ଓ ଅନୁଷ୍ଠାନକୁ ଉତ୍ସାହିତ କରିବାକୁ ପ୍ରୟାସ ରହିଥିବା ଆୟୋଜକମାନେ ପ୍ରକାଶ କରିଛନ୍ତି। ମୁଖ୍ୟ ଆୟୋଜକ ବିଶ୍ୱକେଶରୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ପଣ୍ଡା, କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ରାଉତଙ୍କ ସମେତ ସମସ୍ତ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।



ଅତିଥିମାନେ ଖବରଦାତା ସଞ୍ଜୟ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଶିକ୍ଷା ସଚେତନତା ରଥକୁ ବିଦ୍ୟାଳୟରେ ସ୍ୱାଗତ



ସଚେତନତା ରଥକୁ ପରକଣା ପ୍ରାଥମିକ ବିଦ୍ୟାଳୟରେ ସ୍ୱାଗତ କରାଯାଉଛି।

ପାଟକୁରା ୭।୪(ରବୀନ୍ଦ୍ର ନାଥ ବାରିକ )

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ଶିକ୍ଷା ସଚେତନତା ରଥକୁ ଗରଦପୁର ବ୍ଲକ ବେଡାରି ପଞ୍ଚାୟତ ଅଧୀନ ପରକଣା ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଭବ୍ୟ ସ୍ୱାଗତ କରାଯାଇଛି। ସମସ୍ତ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନାମଲେଖା ହାର ବୃଦ୍ଧି କରିବା, କୌଣସି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବା, ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ବିଦ୍ୟାଳୟର ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ଗ୍ରାମାଞ୍ଚଳର ଅଭିଭାବକମାନଙ୍କୁ ସେମାନଙ୍କ ପିଲାଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବା ନିମନ୍ତେ ପ୍ରୋତ୍ସାହିତ କରିବା, ଶିକ୍ଷା ଅଧିକାର ଆଇନ ତଥା ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା। ବିଦ୍ୟାଳୟଠାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକମାନଙ୍କ ଦ୍ୱାରା ସ୍ୱାଗତ ପ୍ରଦର୍ଶନ କରାଯାଇଥିଲା। ମୁରୁଜ, ଝୋଟି, ଫୁଲ, ଚନ୍ଦନ, ଧୂପ, ଦୀପ ସମର୍ପଣ ପୂର୍ବକ ରଥକୁ ଗ୍ରାମ ପରିକ୍ରମା କରାଯାଇ ଜନ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ ଜେନାଙ୍କ ସମେତ ଶିକ୍ଷକ ରବୀନ୍ଦ୍ର ନାୟକ, ଟିଁନା ମୁଦୁଲି, ଅଳକା ମହାପାତ୍ର, ସୁଲୋଚନା ସ୍ୱାଇଁ, ଅଭିଭାବକ ନାରାୟଣ ସାହୁ, ରମେଶ ମହାପାତ୍ର, ସଞ୍ଜୟ ବେହେରା ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ରଥ ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମ ପରିକ୍ରମା କରି ଡାକବାଜି ଯନ୍ତ୍ର ଦ୍ୱାରା ଶିକ୍ଷା ସମ୍ପର୍କିତ ସୂଚନା ପ୍ରଦାନ କରି ଆସୁଛି।

# ହତ୍ୟା ଏତଲାକୁ ଥାନା ପକ୍ଷରୁ ଅଣଦେଖା, ଜିଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା, ୭।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବାଟିପଡ଼ା ଗ୍ରାମର ଜଣେ ପୂଜକଙ୍କ ସ୍ତ୍ରୀଙ୍କୁ ତାଙ୍କ ୨ ଭଉଣୀ ହତ୍ୟା ଅଭିଯୋଗକୁ ଥାନାରେ ଗ୍ରହଣ କରି ନ ଥିଲେ। ବରଂ ବହୁ କଟୁଭାଷାରେ ଗାଳିଗୁଲଜ କରିଥିଲେ, ଯାହାକୁ ନେଇ ପୂଜକ ଜଣଙ୍କ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ମଲ୍ଲିକ ଅଭିଯୋଗ ଗ୍ରହଣ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବାଟିପଡ଼ା ଗ୍ରାମର କୁଞ୍ଜବିହାରୀ ପଣ୍ଡା(୬୪) ପଟ୍ଟାମୁଣ୍ଡାଇ ସହରରେ ରହି ପୂଜାକାମ କରିଆସୁଛନ୍ତି। ତାଙ୍କ ସ୍ତ୍ରୀ ପାର୍ବତୀ ବାଟିପଡ଼ାରେ ରୁହନ୍ତି। ମାତ୍ର ୨୦୨୫ ଡିସେମ୍ବର ୧୫ରେ ପାର୍ବତୀଙ୍କୁ ତାଙ୍କ ୨ ଭଉଣୀ ନିଜ ଘରକୁ ବୁଲାଇ ନେଇଥିଲେ। ପରେ ଡିସେମ୍ବର ୧୭ ରାତି ସାଢେ ୯ରେ ଫୋନ୍ ଆସିବାରୁ ଜଣାପଡ଼ିଲା ଯେ, ପାର୍ବତୀ ମରିଯାଇଛନ୍ତି ଏବଂ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଅଛନ୍ତି। ମାତ୍ର ରାତ୍ରି ହୋଇଥିବାରୁ ପରଦିନ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ନେଇ ଡାକ୍ତରଙ୍କ ବୁଝାଶୁଝା ପରେ କୁଞ୍ଜବିହାରୀ ଘରକୁ ଫେରିଆସିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପରଦିନ ସକାଳୁ ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ମୃତଦେହକୁ ୨ ଭଉଣୀ ନେଇ ତାଙ୍କ ନିଜ ଗାଁ ଚଉଦକୁଲାଟ ଦେବଳାରେ ସଂସ୍କାର କରି ଦେଇଛନ୍ତି, ଯାହାକୁ ନେଇ କୁଞ୍ଜବିହାରୀ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇ ୨ ଭଉଣୀ ହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏତଲା ନ ରଖି ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ କୁଞ୍ଜବିହାରୀ ଡିସେମ୍ବର ୨୪ରେ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧ୍ୟହୋଇ ମଙ୍ଗଳବାର ଜିଲା ପ୍ରଶାସନ ପାଖରେ ଅଭିଯୋଗପତ୍ର ଦାଖଲ କରିଛନ୍ତି।

# ବ୍ୟବସାୟୀଙ୍କୁ ମାଡ଼ମାରି ୧୨ଲକ୍ଷ ଟଙ୍କାର ରୁପା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

ଡେରାବିଶ, ୭।୪(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ମାଡ ମାରି ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରୁପା ଅଳଙ୍କାର ୨ ଦୁର୍ବୃତ୍ତ ଲୁଟି ନେଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଲୁଟର ଶିକାର ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ତିଲଙ୍ଗ ଗ୍ରାମର ଅଭିରାମ କୁଣ୍ଡୁ ହୋଇଛନ୍ତି। ଅଭିରାମଙ୍କ ଅଭିଯୋଗ ମୁତାବକ, କଂସା ବାସନ ଓ ରୁପାର ଅଳଙ୍କାର ଫେରି ବ୍ୟବସାୟ କରନ୍ତି। ବେପାର ସାରି ସୋମବାର ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ତାଙ୍କ ଗାଁ ତିଲଙ୍ଗଠାରୁ ୨ କିଲୋମିଟର ଦୂରରେ ବେଲରପା ଛକ ନିକଟରେ ୨ ଯୁବକ ଏକ କଳା ପଲସରରେ ଆସି ତାଙ୍କୁ ଅଟକାଇବା ସହ ମାଡ଼ମାରି ରାସ୍ତା ପାର୍ଶ୍ୱରେ ପକାଇ ଦେଇଥିଲେ। ତାଙ୍କ ପାଖରେ ଥିବା ୩ କେଜି ୨୦୦ ଗ୍ରାମର ରୁପା ଅଳଙ୍କାର ଛଡାଇ ନେଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଆଇଆଇସି ଅମ୍ବିକା ପ୍ରସାଦ ଦାସଙ୍କ ନେତୃତ୍ୱରେ ପୋଲିସ ଟିମ୍ ସୋମବାର ସନ୍ଧ୍ୟାରେ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ମଙ୍ଗଳବାର ଅଭିରାମଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୭୭/୨୬ରେ ମାମଲା ରୁଜୁ କରିବା ସହ ତଦନ୍ତକୁ ଜୋରଦାର କରିଛି।

# ପଶୁପକ୍ଷୀଙ୍କ ପାଇଁ ଜଳଛତ୍ର

ଡେରାବିଶ,୭।୪(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଠାକୁର ପାଟଣାସ୍ଥିତ ଦି ଇନ୍‌ଷ୍ଟିଚ୍ୟୁଟ ଅଫ ଟୋଟାଲ ଫିଟନେସ ଆଣ୍ଡ ଷ୍ଟ୍ରେସ ମ୍ୟାନେଜମେଣ୍ଟ ପକ୍ଷରୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଶୁପକ୍ଷୀଙ୍କ ପାଇଁ ଜଳଛତ୍ର ଆରମ୍ଭ କରାଯାଇଛି। ଗ୍ରୀଷ୍ମପ୍ରବାହ ଯୋଗୁ କେନାଲ ଓ ପୋଖରୀ ଶୁଖିଲା ପଡ଼ିଥିବା ବେଳେ ବୁଲା ଗୋରୁ ଓ ପଶୁପକ୍ଷୀମାନଙ୍କ ତୃଷା ମେଣ୍ଟାଇବା ପାଇ ଏଭଳି ଅଭିଯାନ ଆରମ୍ଭ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଅନୁଷ୍ଠାନ ପ୍ରତିଷ୍ଠାତା ତଥା ପରିଚାଳକ ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ସଭାପତି କ୍ୟାପଟେନ ଅଭୟ କୁମାର ଲେଙ୍କା, ଦିଲ୍ଲୀପ କୁମାର ବେହେରା, ଡଲି ମଲିକ ଓ ଭାଗବତ ଜେନା ସାମିଲ ହୋଇ ବିଭିନ୍ନ ସ୍ଥାନରେ ପାଣିକୁଣ୍ଡ ରଖାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସୂଚନାଯୋଗ୍ୟ ପ୍ରକୃତିମିତ୍ର ଭାବେ ପୁରସ୍କୃତ ହୋଇଥିବା ଏହି ସଂସ୍ଥା ପୂର୍ବରୁ ବହୁ ଜନହିତକର କାର୍ଯ୍ୟ କରିବା ସହିତ ଏକ ଉତ୍ତମ ସମାଜ ଗଠନ ନିମନ୍ତେ ପ୍ରୟାସ ଜାରି ରଖିଛି।



ପାଣିକୁଣ୍ଡ ରଖାଯାଉଛି।

# ପଞ୍ଚାୟତ ସୀତାରାମ ବିଦ୍ୟାପୀଠର ବନ୍ଧୁମିଳନ

ଆଳି, ୭।୪(ବନମାଳୀ ସେନାପତି )

ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନ ପଞ୍ଚାୟତ ସୀତାରାମ ଉଚ୍ଚ ବିଦ୍ୟାପୀଠର ୧୯୯୯ ମସିହାରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୭ ବର୍ଷ ପରେ ଛାତ୍ରୀଛାତ୍ରମାନେ ପରସ୍ପରଙ୍କୁ ଭେଟି ଶୁଭେଚ୍ଛା ଜଣେଇଥିଲେ। ବନ୍ଧୁ ମିଳନ ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ ଗଙ୍ଗାଧର ଦାସ, ବର୍ତ୍ତମାନର ପ୍ରଧାନ ଶିକ୍ଷକ ସୁଶାନ୍ତ ଗିରି, ହୃଦାନନ୍ଦ ମହାନ୍ତି, ଭାସ୍କର ନାୟକ, ଅମୀୟ କର, ଦୈତାରୀ ବେହେରା, ଶୁଭ୍ରକାନ୍ତ ମିଶ୍ର, ପ୍ରଦୀପ ରାଉତ, ବିଚିତ୍ରାନନ୍ଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଛାତ୍ରଛାତ୍ରୀମାନଙ୍କୁ ଜୀବନର ଗତିପଥରେ କିପରି ଅନେକ ସମସ୍ୟା ଆସେ ଓ ତା'ର ସମାଧାନ ପନ୍ଥା ନିଜକୁ ନିର୍ଣ୍ଣୟ କରିବାକୁ ପଡେ ବୋଲି କହିଥିଲେ। ଉତ୍ସବ ଆରମ୍ଭରେ ଶିକ୍ଷକମାନଙ୍କୁ ପୂଜାର୍ଚ୍ଚନା କରି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ଜିତେନ୍ଦ୍ର ବେହେରା, ଧୀରେନ ଦାସ, କାମିନୀ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ଜେନା ଓ ଦମୟନ୍ତୀ ବେହେରା ପରିଚାଳନା କରିଥିଲେ।

# ସତ୍ତା ହରାଇଲାଣି ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ

ଡେରାବିଶ, ୭।୪(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଅନ୍ତର୍ଗତ ରତାଦିଆ ଖଣ୍ଡସାହି ପଞ୍ଚାୟତ ପକ୍ଷରୁ ୨୦୨୦ ମସିହାରେ ବରାଙ୍ଗ ରାଜସ୍ୱ ଗ୍ରାମ ଅନ୍ତର୍ଗତ ଚାନ୍ଦୋଳ କଲେଜ ଛକଠାରେ ନିର୍ମାଣ ହୋଇଥିଲା ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ। ଏହା ରାତି ପାହିଲେ ଶହ ଶହ ଲୋକଙ୍କ କୋଳାହଳରେ ମୁଖରିତ ହେଉଥିଲା। ସକାଳୁ ସନ୍ଧ୍ୟା ଯାଏ ବୃଦ୍ଧାବୃଦ୍ଧଙ୍କଠାରୁ ଆରମ୍ଭକରି କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଥିଲା ଆକର୍ଷଣର କେନ୍ଦ୍ରବିନ୍ଦୁ। ମାତ୍ର ବର୍ତ୍ତମାନ ଏହା ପାଲଟିଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଥିପ୍ରତି ବ୍ଲକ ପ୍ରଶାସନ କି ପଞ୍ଚାୟତ ପ୍ରଶାସନର ତିଳେମାତ୍ର ନିଘା ଦେଉନାହାନ୍ତି। ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ ସତ୍ତ୍ୱେ ଏହି ପ୍ରମୋଦ ଉଦ୍ୟାନଟି ଏବେ ସତେ ଯେପରି ମରୁଭୂମିର ଦୃଶ୍ୟମାନ ହେଉଛି। ଏହାକୁ ତତ୍କାଳୀନ ଜିଲାପାଳ ସମର୍ଥ ବର୍ମାଙ୍କ ପ୍ରୟାସରେ ନିର୍ମାଣ ହୋଇଥିଲା। ତଦନୁଯାୟୀ ୨୦୨୦ ଜାନୁଆରୀରେ ତତ୍କାଳୀନ ରତାଦିଆ ସରପଞ୍ଚ ଗୀତାଞ୍ଜଳି ସେଠୀଙ୍କ ଉଦ୍ୟମରେ ଏହି ପ୍ରମୋଦ ଉଦ୍ୟାନଟି ପୂର୍ଣ୍ଣାଙ୍ଗ ରୂପରେଖ ନେଇ ପାରିଥିଲା। ଏହା ନିର୍ମାଣ ସମୟରେ ଅଞ୍ଚଳର ଜନସାଧାରଣ ଖୁସିବ୍ୟକ୍ତ କରିଥିଲେ। ଏହି ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନରେ ଛୋଟ ପିଲାଙ୍କ ପାଇଁ ଦୋଳି ଓ ଖେଳନା ସମେତ ବୟସ୍କ ଲୋକଙ୍କ ପାଇଁ ବ୍ୟାୟାମ ନିମନ୍ତେ ଆବଶ୍ୟକ ଉପକରଣ ରହିଥିଲା। କିଛିଦିନ ଯାଏ ଏହି ପ୍ରମୋଦ ଉଦ୍ୟାନ ଜନସାଧାରଣଙ୍କୁ ବେଶ ଆକର୍ଷିତ କରିଥିବାବେଳେ ଏହାର କିଛିମାସ ପରେ ପଞ୍ଚାୟତ ନିର୍ବାଚନ ଯୋଗୁ ପଞ୍ଚାୟତ ପ୍ରତିନିଧି ବଦଳିଯିବାରୁ ଏହି ଉଦ୍ୟାନଟି ଧୀରେ ଧୀରେ ସତ୍ତା ହରାଇଲା। ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଯୋଗୁ ଏଥିପ୍ରତି କେହି ଦୃଷ୍ଟି ଦେଲେ ନାହିଁ। ଫଳରେ ଏହି ପ୍ରମୋଦ ଉଦ୍ୟାନରେ ଥିବା ଲକ୍ଷ ଲକ୍ଷ ଟଙ୍କାର ଖେଳନା ଓ ବ୍ୟାୟାମ ଉପକରଣ ଉଭାନ ହୋଇଯାଇଛି। ଚତୁଃପାର୍ଶ୍ୱର ସୁରକ୍ଷା ବାଡ଼ ମଧ୍ୟ ଉଭାନ ହୋଇଯାଇଥିବା ଏବେ ଦେଖିବାକୁ ମିଳିଛି। ଏହାର ଫାଟକ ମଧ୍ୟ ଦୁର୍ବୃତ୍ତମାନେ ନେଇଯିବା ଯୋଗୁ ବର୍ତ୍ତମାନ ବାଲି ମାଫିଆଙ୍କ ଆଡ୍ଡାସ୍ଥଳୀ ଭାବେ ନୂଆ ଠିକଣା ଭାବେ ପରିଚିତ ହୋଇଛି। ଏବେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ବିନିଯୋଗ ହୋଇଥିବା ସରକାରୀ ଅର୍ଥ ବରବାଦ ହେବା ଘଟଣାକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ସରକାରୀ ଧନରେ ଗଢ଼ି ଉଠିଥିବା ଏପରି ସାର୍ବଜନୀନ ସମ୍ପତ୍ତି କେବଳ ପ୍ରଶାସନ ନୁହେଁ, ସମସ୍ତେ ଏହାକୁ ସୁରକ୍ଷା ଓ ସଂରକ୍ଷଣ କରିବାର ଦାୟିତ୍ୱ ନେବା ଦରକାର ବୋଲି ପୂର୍ବତନ ସରପଞ୍ଚ ମଦନ ମୋହନ ସାହୁ କହିଛନ୍ତି। ଏ ସମ୍ପର୍କରେ ବିଡିଓ ନମିତା ବାରିକଙ୍କୁ ପଚାରିବାରେ ଘଟଣାସ୍ଥଳକୁ ଯାଇ ଦେଖିବା ସହ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନାକରି ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



# ଜାକେଡା ଆଶ୍ରମ ବିଦ୍ୟାଳୟରେ ଖୋଲୁ ନବମ, ଦଶମ ଶ୍ରେଣୀ

■ ହାତୀ ଭୟରୁ ଛାତ୍ରୀଛାତ୍ର ଛାଡୁଛନ୍ତି ପାଠ
■ ନୟାଗଡ଼ ଜିଲାପାଳଙ୍କୁ ଫେରାଦ୍ ହେଲେ ଆଦିବାସୀ

ନୟାଗଡ଼,୭।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ଆଶ୍ରମ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଖୋଲିବା ପାଇଁ ଦାବି ହୋଇ ଆସୁଛି। ନବମ ଓ ଦଶମ ଶ୍ରେଣୀ ପାଠ ପଢ଼ିବା ପାଇଁ ୪ରୁ ୫ କି.ମି. ଯିବାକୁ ପଡୁଥିବାବେଳେ ହାତୀ ଭୟ ଯୋଗୁ ଛାତ୍ରୀଛାତ୍ର ପାଠ ଛାଡୁଛନ୍ତି। ଏଭଳିସ୍ଥଳେ ଜାକେଡା ଓ ଆଖପାଖ ଅଞ୍ଚଳର ଆଦିବାସୀମାନେ ଜାକେଡା ଆଶ୍ରମ ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ଖୋଲିବା ପାଇଁ ଜିଲାପାଳଙ୍କୁ ମଙ୍ଗଳବାର ଫେରାଦ୍ ହୋଇଛନ୍ତି। ଅନ୍ୟପକ୍ଷେ ଜିଲା ମଙ୍ଗଳ ଅଧିକାରୀ, ସମାଜ ମଙ୍ଗଳ ଅଧିକାରୀ ନୂଆଗାଁ ବ୍ଲକ, କନ୍ଧମାଳ ଏମ୍‌ପି, ଦଶପଲ୍ଲା ବିଧାୟକଙ୍କୁ ଅନୁରୂପ ଭାବେ ସ୍ମାରକପତ୍ର ଦେଇ ନବମ ଓ ଦଶମ ଶ୍ରେଣୀ ଖୋଲିବା ପାଇଁ ଅନୁରୋଧ କରିଛନ୍ତି।

ଏନେଇ ସୁରସେନ ପ୍ରଧାନ କୁହନ୍ତି, ଜାକେଡା ଆଶ୍ରମ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଛାତ୍ରୀଛାତ୍ର ନବମ ଓ ଦଶମ ଶ୍ରେଣୀ ପାଠ ପଢ଼ିବାକୁ କନ୍ଧଖାଲମଡା ହାଇସ୍କୁଲକୁ ଯାଉଛନ୍ତି। ଗାଁ ଠାରୁ ହାଇ ସ୍କୁଲର ଦୂରତା ୪ରୁ ୫ କି.ମି. ହୋଇଥିବାବେଳେ ଜଙ୍ଗଲିଆ ଅଞ୍ଚଳ। ହାଇସ୍କୁଲକୁ ପାଠ ପଢ଼ି ଯିବା ବେଳେ ଜଙ୍ଗଲିଆ ରାସ୍ତାରେ ହାତୀ ଯିବା ଆସିବା କରୁଛନ୍ତି। ପିଲାମାନେ ହାତୀ ଭୟରେ ନବମ ଓ ଦଶମ ଶ୍ରେଣୀ ପାଠ ଛାଡି ଦେଉଛନ୍ତି। ଏଣୁ ଜାକେଡା ଆଶ୍ରମ ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ଖୋଲିବାକୁ ଦାବି କରାଯାଉଛି ବୋଲି କହିଥିଲେ।

ଅର୍ଜିତା ପ୍ରଧାନ ଓ ଦାଶରଥି ପ୍ରଧାନ କୁହନ୍ତି, ଜାକେଡା ଆଶ୍ରମ ସ୍କୁଲ ଏକ ଆବାସିକ ସ୍କୁଲ। ଏଠାରେ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି। ସାଧାରଣତଃ ଆଦିବାସୀମାନେ ଗରିବ ହୋଇଥିବାରୁ ପାଠ ପଢ଼ିବା କଷ୍ଟ ହୋଇଥାଏ। ସରକାର ଖାଇବା ଓ ରହିବା ବ୍ୟବସ୍ଥା କରିଥିବାରୁ ଜାକେଡା ଆଶ୍ରମ ବିଦ୍ୟାଳୟରେ ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ର ଆସି ପଢୁଛନ୍ତି। ନବମ ଓ ଦଶମ ଶ୍ରେଣୀ ଖୋଲାଗଲେ ଘର ପାଖରେ ପିଲା ପାଠ ପଢ଼ି ପାରିବେ। ପୁଣି ଖାଇବା ଓ ରହିବା ସୁବିଧା ହେବ। ଏଣୁ ଜିଲା ପ୍ରଶାସନ ଓ ସରକାର ଆଦିବାସୀଙ୍କ ଅସୁବିଧାକୁ ବୁଝି ନବମ ଓ ଦଶମ ଶ୍ରେଣୀ ନୂଆ କରି ଖୋଲିବାର ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି। ଦିବାକର ମଲ୍ଲିକ ଓ ରମାକାନ୍ତ ମଲ୍ଲିକ କୁହନ୍ତି, ଆଦିବାସୀଙ୍କ ଉନ୍ନତି କଳ୍ପେ ସରକାର ଜାକେଡା ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଖୋଲିବା ଦରକାର। ହାତୀ ଆକ୍ରମଣକୁ ଏଡାଇବା ଓ ଛାତ୍ରୀଛାତ୍ରଙ୍କୁ ଗୋଟିଏ ପରିବେଶରେ ପ୍ରଥମରୁ ଦଶମ ଶ୍ରେଣୀର ପାଠ ପଢ଼ିବାର ସୁଯୋଗ ନିହାତି ଦେବା ଦରକାର। ଏପରି ହେଲେ ପାଠ ଛାଡୁଥିବା ଛାତ୍ରୀଛାତ୍ର ନବମ ଓ ଦଶମ ଶ୍ରେଣୀ ପାଠ ପଢ଼ିବାର ସୁଯୋଗ ପାଇ ପାରିବେ ବୋଲି କହିଛନ୍ତି। ଆମ ଗାଁ ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ଖୋଲିବା ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିଛୁ। ଜିଲାପାଳ ଆମର ଦାବି ପ୍ରତି ସହମତି ପ୍ରକାଶ କରିଛନ୍ତି ବୋଲି କହିଛନ୍ତି।


ଜିଲାପାଳଙ୍କୁ ଲୋକେ ଦାବିପତ୍ର ଦେଉଛନ୍ତି।

# ଅସରାଏ ବର୍ଷାରେ ଜଳାର୍ଣ୍ଣବ ହୋଇପଡୁଛି ମୁଖ୍ୟ ରାସ୍ତା

## ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ



ଖଣ୍ଡପଡା, ୭।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବାଣପୁର ଗ୍ରାମର ମୁଖ୍ୟ ଛକ ଓ ନିକଟସ୍ଥ ରାସ୍ତା ଅସରାଏ ବର୍ଷାରେ ଜଳାର୍ଣ୍ଣବ ହୋଇ ପଡୁଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଜଣାପଡିଛି। ନୟାଗଡ଼ ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋରୁ ବାଣପୁର ଦେଇ ମହାବୀର କ୍ଷେତ୍ର ଦଶପଲ୍ଲାକୁ ସଂଯୋଗ କରୁଥିବା ୪୮ ନଂ. ରାଜ୍ୟ ରାଜପଥ ଦେଇ ଶହଶହ ସଂଖ୍ୟକ ଭାରି ଯାନଠାରୁ ଆରମ୍ଭ କରି ଦୂରଗାମୀ ଯାତ୍ରୀବାହୀ ବସ୍‌ଗୁଡିକ ଚଳାଚଳ କରୁଛି। ଉକ୍ତ ରାଜ୍ୟ ରାଜପଥର ବାଣପୁର ଗ୍ରାମଠାରେ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ୩ ଫୁଟ ଉପରେ ଆବର୍ଜନା ପାଣି ଜମି ରହୁଛି। ଫଳରେ ସ୍ଥାନୀୟ ବାସିନ୍ଦା ଉକ୍ତ ରାସ୍ତାଦେଇ ଯାତାୟାତ କଲାବେଳେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ବିଶେଷ କରି ପ୍ରତ୍ୟେହ ଶତାଧିକ ଛାତ୍ରୀଛାତ୍ର ଉକ୍ତ ରାସ୍ତା ଦେଇ ବିଭିନ୍ନ ସ୍କୁଲ ଓ କଲେଜକୁ ଯାତାୟାତ କରୁଥିବାରୁ ଏ ନେଇ ସମସ୍ୟା ଉପୁଜୁଛି। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହେଲେ ବର୍ଷା ଜଳ ନିଷ୍କାସନ ହୋଇପାରନ୍ତା ବୋଲି ଜଣାପଡିଛି। ସ୍ଥାନୀୟ ବାସିନ୍ଦା ଏ ସମ୍ପର୍କରେ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ଜଣାପଡିଛି। ତେବେ ବର୍ଷା ଋତୁ ପୂର୍ବରୁ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗଭୀର ଡ୍ରେନ ନିର୍ମାଣ ନିମନ୍ତେ ଜିଲା ପ୍ରଶାସନ,ନୟାଗଡ଼ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ବଡବାଣପୁର ପଞ୍ଚାୟତ ଜନସାଧାରଣ ଦାବି କରିଛନ୍ତି।

# ବାଣ ବିସ୍ଫୋରଣ ଘଟଣା ୬ ଗୁରୁତରଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ

ନୂଆଗାଁ,୭।୪(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡ଼ା ଗ୍ରାମର ଜନବସତି ସ୍ଥାନରେ ବେଆଇନ ବାଣ କାରଖାନା ଚାଲିଥିବା ବେଳେ ଶୁକ୍ରବାର ବିସ୍ଫୋରଣ ଘଟି ଜଣେ ନାବାଳକଙ୍କ ସମେତ ୬ ଜଣ ଗୁରୁତର ହୋଇଥିଲେ। ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ବେଳେ ପୂର୍ବରୁ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। କୋରଡ଼ାଠାରେ ଥିବା ବେଆଇନ ବାଣ କାରଖାନାର ମାଲିକ ତଥା ମୁଖ୍ୟ ଅଭିଯୁକ୍ତ ହାଡ଼ିବନ୍ଧୁ ସେଠୀଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି।

ସୂଚନାଯୋଗ୍ୟ, ନୂଆଗାଁ ଥାନା କୋରଡ଼ା ଗ୍ରାମ ଜନବସତି ସ୍ଥାନରେ ବେଆଇନ ଭାବେ ବାଣ ତିଆରି ହେଉଥିବା ସମୟରେ ବିସ୍ଫୋରଣ ଘଟି ଜଣେ ନାବାଳକଙ୍କ ସମେତ ୬ ଜଣ ଗୁରୁତର ହୋଇଥିଲେ। ବାଣ କାରଖାନା ମାଲିକ କୋରଡ଼ା ଗ୍ରାମର ହାଡ଼ିବନ୍ଧୁ ସେଠୀ(୬୫), ତାଙ୍କ ପୁଅ ନବ ସେଠୀ(୩୫), ନିରଞ୍ଜନ ନାହାକ(୪୦), ମିନାଗାଡ଼ିଆ ଗ୍ରାମର ମନୋଜ ନାୟକ(୩୮), ବାପି ନାୟକ (୩୫) ଓ ଗଞ୍ଜାମ ଗେରେଡ଼ା ଗ୍ରାମର ନାବାଳକ ଅମିତ ସେଠୀ(୧୫)ଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ୫ ଜଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବାରୁ ସେମାନଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ସମୟରେ ମୀନାଗାଡ଼ିଆ ଗ୍ରାମର ବାପି ନାୟକଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା। ସୋମବାର କୋରଡ଼ା ମଠସାହିର ଲିଙ୍ଗରାଜଙ୍କ ପୁଅ ନିରଞ୍ଜନ ନାହାକ(୪୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ହାଡ଼ିବନ୍ଧୁ ସେଠୀଙ୍କର ମୃତ୍ୟୁ ଘଟିଛି। ହାଡ଼ିବନ୍ଧୁ ଦୀର୍ଘ ବର୍ଷ ହେଲା ବେଆଇନ ବାଣ ତିଆରି କରିଆସୁଥିଲେ।

# ବୋଲେରୋ ଛାଡ଼ି ଖସିଗଲେ ଛେଳି ଚୋର

## ଜଙ୍ଗଲିଆ ଅଞ୍ଚଳରେ ଲୋକ ଜଗିଥିଲେ

ନୟାଗଡ଼,୭।୪(ଲୋକନାଥ ମିଶ୍ର)

ଛେଳି ଚୋରକୁ ଧରିବା ପାଇଁ ଲୋକମାନେ ଜଙ୍ଗଲରେ ଲୁଚି ରହିବା ଜାଣି ପାରି ଛେଳିଚୋର ଛେଳି ସହ ବୋଲେରୋ ଛାଡି ପଳାଇ ଯାଇଥିଲେ। ଖବର ପାଇ ଓଡଗାଁ ଆଦର୍ଶ ଥାନା ପୋଲିସ ବୋଲେରୋ ଜବତ କରିବା ସହ ଗାଡିରେ ଥିବା ଚୋରି ଛେଳି ଗୁଡିକ ମାଲିକମାନଙ୍କୁ ଫେରାଯାଇଛି। ଗତ ରବିବାର ରାତିରେ ବାଣ୍ଟପୁର ପଞ୍ଚାୟତ ଓସ୍ତିଆ ଓ ନିହଲପ୍ରସାଦରୁ ୮ଟି ଛେଳି ଚୋରି ହୋଇଥିଲା। ଚୋରମାନେ ଛେଳିଗୁଡିକୁ ଗୋଟିଏ ବୋଲେରୋରେ ନେଇ ପଳାଇ ଯାଉଥିଲେ। ଖବର ପାଇ ସ୍ଥାନୀୟ ଲୋକ ବୋଲେରୋର ପିଛା କରିବା ସହ ଚୋରମାନଙ୍କୁ ଧରିବା ପାଇଁ ଜଙ୍ଗଲିଆ ଅଞ୍ଚଳରେ ଲୁଚି ରହିଥିଲେ। ତେବେ ଚୋରି ହୋଇଥିବା ୮ ଛେଳିରୁ ୨ଟି ବୋଲେରୋରେ ନ ଥିଲା। ଅନ୍ୟପକ୍ଷେ ବୋଲେରୋଟି ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଅଞ୍ଚଳର ହୋଇଥିବା ବେଳେ ଏହାକୁ ପ୍ରାୟ ୧ମାସ ତଳେ ଚୋରି କରାଯାଇଥିବା ଜଣାପଡିଛି। ଚୋରମାନେ ଚୋରି ଗାଡିରେ ଛେଳି ଚୋରି ଜାରି ରଖିଥିଲେ।

# ତ୍ରିନାଥ ମଲ୍ଲିକ ହେଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ

## ପଛୁଆବର୍ଗଙ୍କ ବିକାଶ ପାଇଁ କାର୍ଯ୍ୟ କରିବା ମୂଳ ଲକ୍ଷ୍ୟ

ନୂଆଗାଁ, ୭।୪ (ଧନେଶ୍ୱର ସାହୁ)


ତ୍ରିନାଥ ମଲ୍ଲିକ

ନୟାଗଡ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ ବାଡିବାରୀ ଗ୍ରାମର ତ୍ରିନାଥ ମଲିକଙ୍କୁ ନୟାଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ (ଏସ୍‌ଡିସି)ଭାବେ ଏସ୍‌ଟି ଏସ୍‌ସି ଉନ୍ନୟନ ଓ ପଛୁଆବର୍ଗ ବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇଛି।

ଆଦିବାସୀ ଅଧ୍ୟୁଷିତ ଜାକେଡା ପଞ୍ଚାୟତ ବାଡିଗ୍ରାମର ତ୍ରିନାଥ ଜଣେ ସରଳ, ନିଷ୍କପଟ, ତଥା ପରୋପକାରୀ ଯୁବକ। ଅନେକ ସମୟରେ ପଛୁଆ ବର୍ଗ ଗ୍ରାମଗୁଡିକର ବିକାଶ ପାଇଁ ପ୍ରଚେଷ୍ଟା କରି ଆସୁଥିଲେ। ନିଜ ଅଞ୍ଚଳର କେହି ବ୍ୟକ୍ତି ଅସୁବିଧାରେ ପଡିଲେ ସହଯୋଗର ହାତ ବଢାଉଥିଲେ। ନିଜ ଗ୍ରାମ କିମ୍ବା ପଞ୍ଚାୟତର ଅସୁବିଧା ଥିଲେ ତାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ପ୍ରଶାସନକୁ ସହଯୋଗ କରି ସମାଧାନର ବାଟ ବାହାର କରନ୍ତି। ତେବେ ତ୍ରିନାଥ ଜିଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ (ଏସ୍‌ଡିସି)ଭାବେ ନିଯୁକ୍ତି ପାଇବା ପରେ ଖୁସି ବ୍ୟକ୍ତ କରିବା ସହ ତାଙ୍କୁ ଲୋକମାନଙ୍କ ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ବିଭାଗ ଅଧିକାରୀଙ୍କ ସମେତ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ବିକାଶଠାରୁ ଦୂରରେ ରହିଥିବା ଗାଁ, ଧାର୍ମିକ ପୀଠସ୍ଥଳୀର ବିକାଶ ସହ ପାରମ୍ପରିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଓ ପଛୁଆ ବର୍ଗ ଲୋକମାନଙ୍କ ବିକାଶକୁ ସଂପୂର୍ଣ୍ଣ ରୂପେ ଗୁରୁତ୍ୱ ଦେବା ସହ ସରକାରଙ୍କ ପ୍ରତିଟି ଯୋଜନାର ସୁଫଳ କିଭଳି ଲୋକମାନେ ପାଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ମଲିକ କହିଛନ୍ତି।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଉଦ୍‌ଯାପିତ

ରଣପୁର, ୭।୪
(ସୁକାନ୍ତ କିଶୋର ଡାକୁଆ)

ଭାଜପା ରାଷ୍ଟ୍ରୀୟ ନିଷ୍ପତ୍ତି ଅନୁସାରେ ସମଗ୍ର ଭାରତ ବର୍ଷରେ ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ–୨୦୨୬ ପ୍ରଶିକ୍ଷଣ ଦିଆଯାଉଛି। ନୟାଗଡ଼ ଜିଲା ରଣପୁର ବିଧାନସଭା ଅନ୍ତର୍ଗତ ୭ ମଣ୍ଡଳ ପ୍ରଶିକ୍ଷଣ ବର୍ଗ ଗତ ଶନିବାରଠାରୁ ଉଦ୍‌ଘାଟିତ ହୋଇ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ପ୍ରଶିକ୍ଷଣ ବର୍ଗରେ ଭାଜପା ଇତିହାସ, ବିକାଶ, କାର୍ଯ୍ୟ ପଦ୍ଧତି, ବୈଚାରିକ ଅଧିଷ୍ଠାନ, କାର୍ଯ୍ୟ ବିସ୍ତାର, ବୁଥ ପରିଚାଳନା, ମନ କୀ ବାତ୍, ସାମାଜିକ ଗଣମାଧ୍ୟମ ଓ ଅନ୍ତ୍ୟୋଦୟରୁ ସଂତୃପ୍ତି ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା କ୍ରିୟାନ୍ୱୟନ ଆଦି ୭ ବିଷୟକୁ ନେଇ ୭ଟି ସୂତ୍ରରେ ରାଜ୍ୟସ୍ତରୀୟ ବକ୍ତାମାନେ ନିଜେ ନିଜର ବକ୍ତବ୍ୟ ରଖିଥିଲେ। ଅତିଥି ଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ଭାଜପା ମୁଖପାତ୍ର ସୁଦୀପ୍ତ ରାୟ, ରାଜ୍ୟ ଭାଜପା ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ରାଜ୍ୟ ସମବାୟ ପ୍ରକୋଷ୍ଠ ସଂଯୋଜକ ରଞ୍ଜନ ମଙ୍ଗରାଜ, ଭାଜପା ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାଶ, ସାମାଜିକ ଗଣମାଧ୍ୟମ ସଂଯୋଜକ ଜ୍ୟୋତିରଞ୍ଜନ ନାୟକ, ରାଜ୍ୟ ଭାଜପା ପ୍ରବକ୍ତା ଲକ୍ଷ୍ମଣ କୁମାର ପଣ୍ଡା, ବରିଷ୍ଠ ନେତା ତଥା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଭୁବନାନନ୍ଦ ତ୍ରିପାଠୀ, ନିକୁଞ୍ଜ କିଶୋର ପଟ୍ଟନାୟକ, କେଳୁ ଚରଣ ଜଗଦେବ, ମହେଶ ମିଶ୍ର, ରୋଜିନାରାଣୀ ଦାସ ଓ ଚନ୍ଦ୍ର ବିଜୟୀ ମିଶ୍ର ପ୍ରମୁଖ ବକ୍ତାମାନେ ନିଜ ନିଜ ବିଷୟ ରଖିଥିଲେ।

ଉତ୍ସବରେ କନ୍ଧମାଳର ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଓ ବଡ଼ମ୍ବା–ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଯଥାକ୍ରମେ ଭାଜପା ରଣପୁର ଗ୍ରାମୀଣ ମଣ୍ଡଳ ସଭାପତି ସୁଶାନ୍ତ କୁମାର ବେହେରା, ଶରଣକୁଳ ମଣ୍ଡଳ ସଭାପତି ମନୋଜ କୁମାର ସାହୁ, ଗୋଡ଼ିପଡ଼ା ମଣ୍ଡଳ ସଭାପତି ରଞ୍ଜନ କୁମାର ଦାସ, ରଣପୁର ନଗର ମଣ୍ଡଳ ସଭାନେତ୍ରୀ ସୋନାଲି ପ୍ରଧାନ, ରାଜସୁନାଖଳା ମଣ୍ଡଳ ସଭାପତି ଜ୍ୟୋତିରଞ୍ଜନ ସାହୁ, ଗୋପାଳପୁର ମଣ୍ଡଳ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ଚାନ୍ଦପୁର ମଣ୍ଡଳ ସଭାପତି ଅକ୍ଷୟ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ୪ ଦିନ ବ୍ୟାପୀ ଏହି ପ୍ରଶିକ୍ଷଣ ଶିବିରକୁ ସୁଶାନ୍ତ କୁମାର ବେହେରା ଓ ଜ୍ୟୋତି ରଞ୍ଜନ ସାହୁ ପରିଚାଳନା କରିଥିଲେ। ପରେଶ ମିଶ୍ର, ନିର୍ମଳ କୁମାର ମଡ଼ଗଜସିଂହ, ଜୟନ୍ତ କୁମାର ନାୟକ, ସୁବର୍ଣ୍ଣ ସିଂ ଓ ଗଣେଶ୍ୱର ମାନ୍ଧାତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅନିତା


@ ବିଶ୍ୱଜିତ୍


@ ପ୍ରଦୀପ


@ ସୁଶୀଲ


@ ମିହିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହାତୀ ଭାଙ୍ଗିଲେ ବିଦ୍ୟାଳୟ ପାଚେରି

**ବେଗୁନିଆ, ୭।୪(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବଦିନକୁ ଦିନ ବଢ଼ିଚାଲିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର ରାତିରେ ଦେଉଳି ପଞ୍ଚାୟତ ଅନ୍ତର୍ଗତ ପରିଚ୍ଛଳ ଆଦିବାସୀସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଚେରିର ତିନୋଟି ସ୍ଥାନ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଏପରିକି ପରିବା ଫସଲ ନଷ୍ଟ କରିଛନ୍ତି। ଏନେଇ ସ୍ଥାନୀୟ ଗ୍ରାମବାସୀ ବନ ବିଭାଗ କର୍ମଚାରୀଙ୍କୁ ଜଣାଇଛନ୍ତି।

# ରାମଙ୍କ ବ୍ରହ୍ମଶରରେ ରାବଣ ବଧ, ଲଙ୍କାପୋଡ଼ି

## ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା

ଦଶପଲ୍ଲା, ୭।୪(ପ୍ରକାଶ କୁମାର ପାଣି)

ଭାରତ ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ରାବଣ ବଧକୁ ମୁଖ୍ୟ ଉତ୍ସବ ଭାବେ ଗଣନା କରାଯାଏ। ଏହି ପ୍ରସଙ୍ଗଟି ତିନୋଟି ମଞ୍ଚରେ ଅଭିନୀତ ହୁଏ। ସର୍ବ ପ୍ରଥମେ ମୁଖ୍ୟ ମଞ୍ଚରେ ଇନ୍ଦ୍ରଜିତ ବଧ ପ୍ରସଙ୍ଗଟି ଖୁବ ରୋଚକ ଭାବେ ଅନୁଷ୍ଠିତ ହୁଏ। ଇନ୍ଦ୍ରଜିତ ଦିବ୍ୟରଥ ଓ ଅସ୍ତ୍ର ନିମନ୍ତେ ଯଜ୍ଞ କରୁଥିବା ବେଳେ ଲକ୍ଷ୍ମଣ ଅତର୍କିତ ଆକ୍ରମଣ କରି ତାର ବଧ କରନ୍ତି। ତଦନ୍ତେ ଶୋକାତୁର ରାବଣ ଲକ୍ଷ୍ମଣଙ୍କୁ ବ୍ରହ୍ମାସ୍ତ୍ର ଦ୍ୱାରା ଆହତ କରନ୍ତି। ମାତ୍ର ବୈଦ୍ୟ ଶୁସେଣଙ୍କ ପରାମର୍ଶରେ ହନୁମାନ ହିମାଳୟରୁ ଗନ୍ଧମାର୍ଦ୍ଦନ ପର୍ବତର ଏକ ଶୃଙ୍ଗ ଆଣିବା ମଧ୍ୟରେ ଅଯୋଧ୍ୟା ବାଟରେ ଗମନ କଲାବେଳେ ଭରତଙ୍କ ବାଡ଼ୁଳିରେ ମୂର୍ଚ୍ଛାଗତ ହୋଇ ଭୂପତିତ ହୁଅନ୍ତି। ସେଠାରେ ଭରତ ସବୁକଥା ଜାଣିବା ପରେ ଶୋକ କରନ୍ତି। ମାତ୍ର ପୁନଶ୍ଚ ମହାବୀର ହନୁମାନ ପର୍ବତ ଧରି ଲଙ୍କା ଆଗମନ ବେଳେ ରାବଣ ସେନା ପଠାଇ ପ୍ରତିରୋଧ କରି ବିଫଳ ହୁଏ। ଶେଷରେ ଅମୃତ ତୁଲ୍ୟ ସଞ୍ଜୀବନୀ ନେଇ ଲକ୍ଷ୍ମଣ ସୁସ୍ଥ ହୁଅନ୍ତି। ଏଣିକି ଶେଷ ସମୟ ଆରମ୍ଭ ହୁଏ। ମୁଖ୍ୟ ମଞ୍ଚରୁ ସମର ଆରମ୍ଭ ହୋଇ ସୁବଳ ଗିରୀ ମଞ୍ଚ(ଗଣେଶ ବଜାର) ପର୍ଯ୍ୟନ୍ତ ଆଗମନ ହୁଏ। ସେଠାରେ ସ୍ଥୂଳଜଙ୍ଘ ବଧ ହୁଏ। ଦେବରାଜ ଇନ୍ଦ୍ର ବିଜୟାରଥ ପ୍ରେରଣ କରନ୍ତି। ଗୋଟାଏ ଦିଗରେ ଦିବ୍ୟ ରଥରେ ରାମ ଲକ୍ଷ୍ମଣ ଓ ଅନ୍ୟପଟରେ ପୁଷ୍ପକ ବିମାନରେ ରାବଣ ବୀରବାଦ୍ୟ ଘୁମୁରା, ଢୋଲ, ନିଶାଣ ଚାଙ୍ଗୁ, ମହୁରୀ ପରି ବହୁ ପାରମ୍ପାରିକ ବାଦ୍ୟ ସହ ଘମାଘୋଟ ଲଢ଼େଇ ଚାଲେ। ପ୍ରାୟ ୧ କି.ମି. ଲଙ୍କାଗଡ଼ ମଞ୍ଚ(ଗାନ୍ଧୀ ପଡିଆ) ପର୍ଯ୍ୟନ୍ତ। ଏଠାରେ ଶ୍ରୀରାମ ବ୍ରହ୍ମାସ୍ତ୍ର ପ୍ରୟୋଗ କରି ରାବଣକୁ ନିଧନ କରିବା ସଂଗେ ସଂଗେ ଏକ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ ହୁଏ ବ୍ରହ୍ମଶର ରାବଣକୁ ବଧକରି ପୁନର୍ବାର ରାମଙ୍କ ନିକଟକୁ ଫେରିଆସେ। ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ଏହି ସ୍ୱତନ୍ତ୍ର ବ୍ରହ୍ମଶର ଓଡ଼ିଶାର ଅନ୍ୟ କେଉଁଠାରେ ଦେଖିବାକୁ ମିଳିନଥାଏ। କାଷ୍ଠ ରାବଣର ମୁଖା ବକ୍ର କରାଯାଏ ଓ ଆତସବାଜୀ ପ୍ରଦର୍ଶନ ହୁଏ। ଅନେକ ମାନସିକ ଧାରି ସେମାନଙ୍କ ମାନସିକ ବାଣ ପ୍ରଦାନ କରିଥାନ୍ତି। ବିଭିନ୍ନ ଆତସବାଜୀ ପ୍ରତିଯୋଗିତା ଯେ କି ଆକର୍ଷଣୀୟ ହୋଇଥାଏ ଏବଂ ଖଣ୍ଡମଣ୍ଡଳ ପ୍ରକମ୍ପିତ ହୋଇଥାଏ। ସବୁ ଆତସବାଜୀ ପ୍ରଦର୍ଶନପରେ ବିଭୀଷଣଙ୍କ ସିଂହାସନାରୋହଣ (ପଟ୍ଟାଭିଷେକ), ସୀତାଙ୍କ ଅଗ୍ନି ପରୀକ୍ଷାହୁଏ। ଶେଷରେ ବିଭୀଷଣଙ୍କ ଅନୁରୋଧ କ୍ରମେ ଶ୍ରୀରାମ ଲକ୍ଷ୍ମଣ ସୀତା ବାନର ସେନା ପୁଷ୍ପକ ଯାନରେ ବସି ଅଯୋଧ୍ୟା ଗମନ ଦୃଶ୍ୟ ଅତିବ ବିରଳ। ତଳେ ହଜାର ହଜାର ଦର୍ଶକ ସମାବେଶ ଓ ଉପରେ ପୁଷ୍ପକ ବିମାନ ଗମନ ଏକ ସ୍ୱର୍ଗୀୟ ବାତାବରଣ ସୃଷ୍ଟି କରେ। ଏହି ମୁଖ୍ୟ ଉତ୍ସବ ଦେଖିବା ପାଇଁ ରାଜ୍ୟ ତଥା ବାହାରର ଲୋକଙ୍କ ସମାଗମ ହୋଇଥାଏ, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳିଛି।


୩୫ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ମୂର୍ତ୍ତି।

